# ପିଲାଙ୍କ ଧରିତ୍ରୀ

ଶନିବାର, ୨୧ ମାର୍ଚ୍ଚ, ୨୦୨୦



# କୁହୁକ କଳସ

ଗପ



ଗୋଟିଏ ନଗର ଥିଲା। ସେହି ନଗରରେ ଥିଲେ ଜଣେ ବ୍ୟକ୍ତି। କୌଣସି କାରଣବଶତଃ ସେ ଦରିଦ୍ର ହୋଇଗଲେ। ଦାରିଦ୍ର୍ୟ ଯୋଗୁ ତାଙ୍କର ଭାରି ଖରାପ ଅବସ୍ଥା ହେଲା। ଶେଷରେ ସେ ଜମି ଚାଷ କରି କିଛି ଉପାର୍ଜନ କରିବାକୁ ଚାହିଁଲେ। ସେଥିରେ ମଧ୍ୟ ସେ ସଫଳ ହେଲେ ନାହିଁ।

ନିଜର ଅତି ଦୟନୀୟ ଅବସ୍ଥା ଦେଖି ସଂସାର ପ୍ରତି ତାଙ୍କ ମନରେ ବୈରାଗ୍ୟ ଜାତ ହେଲା। ଦିନେ ସେ ଘର ଛାଡ଼ି ଏଣେତେଣେ ବୁଲିବାକୁ ଲାଗିଲେ। ଧନ ଅରଜିବା ପାଇଁ ସେ ଅନେକ ଉପାୟ କଲେ, କିନ୍ତୁ କିଛି ଲାଭ ହେଲା ନାହିଁ। ଏହା ଦେଖି ଲୋକ ଜଣକ ଘରକୁ ଫେରିବାକୁ ବିଚାର କଲେ। ଆସୁ ଆସୁ ବାଟରେ ଗୋଟିଏ ଦେବ ମନ୍ଦିର ପଡ଼ିଲା। ରାତି ହେବାକୁ ବସିଲାଣି। ତେଣୁ ସେ ସେହି ମନ୍ଦିରରେ ରାତିଟି ବିତାଇବାକୁ ଠିକ୍ କରି ରହିଲେ। ଲୋକ ଜଣକ ଦେଖିଲେ ଅଧରାତିରେ ଗୋଟିଏ ସୁନ୍ଦର କଳସ ନେଇ କେହି ଜଣେ ବୃଦ୍ଧ ମନ୍ଦିର ଭିତରୁ ବାହାରିଲେ। ସେ ସେହି କଳସଟିକୁ ଗୋଟିଏ ଜାଗାରେ ରଖି ପୂଜା କରି କହିଲେ- ହେ କଳସ! ତୁମେ ମୋ ପାଇଁ ଗୋଟିଏ ମନୋରମ ଶୟନକକ୍ଷ ଥିବା ଘରଟିଏ ତିଆରି କରିଦିଅ। ଆଖି ପିଛୁଳାକେ ଘର ଓ ସୁନ୍ଦର ଶୟନକକ୍ଷ ତିଆରି ହୋଇଗଲା। ଖାଲି କ'ଣ ଏତିକି, ସେହି କଳସ ମହିମାରେ ତାଙ୍କର ସବୁ ଇଚ୍ଛା ଚଟାପଟ ପୂରଣ ହୋଇଗଲା।

ଏହା ଦେଖି ଲୋକ ଜଣକ ମନରେ ଭାବିଲେ- ନିଶ୍ଚୟ ଏ ଜଣେ ସିଦ୍ଧପୁରୁଷ। ଏଣେତେଣେ ବୁଲି କିଛି ଲାଭ ନାହିଁ। ଏହି ସିଦ୍ଧପୁରୁଷଙ୍କୁ ସନ୍ତୁଷ୍ଟ କରିପାରିଲେ ହୁଏତ କିଛି ଲାଭ ହୋଇପାରେ। ଏମିତି ବିଚାର କରି ଲୋକ ଜଣକ ସିଦ୍ଧପୁରୁଷଙ୍କ ପାଖକୁ ଗଲେ। ତାଙ୍କର ସେବାରେ ଲାଗିପଡ଼ିଲେ। ତାଙ୍କ ସେବା ଯତ୍ନରେ ସନ୍ତୁଷ୍ଟ ହୋଇ ସିଦ୍ଧପୁରୁଷ ପଚାରିଲେ- କିଏ ତମେ ବାବୁ? ମୋ'ଠୁଁ କ'ଣ ଚାହଁ? ଲୋକ ଜଣ କହିଲେ- ହେ ମହାତ୍ମା! ମୁଁ ବଡ଼ ଅଭାଗା ଲୋକଟିଏ। ଧନୀ ଥିଲି, ଦରିଦ୍ର ହୋଇଗଲି। ଦାରିଦ୍ର୍ୟ କାରଣରୁ ବଡ଼ କଷ୍ଟରେ ଚଳୁଛି। ଆପଣଙ୍କ ଶରଣରେ ଆସିଛି। ଆପଣଙ୍କ ଦୟା ହେଲେ ମୋ ଦାରିଦ୍ର୍ୟ ନାଶ ହୋଇଯିବ। ସିଦ୍ଧପୁରୁଷ ଭାବିଲେ- ବିଚରା ଦାରିଦ୍ର୍ୟ କାରଣରୁ ବହୁତ ଦୁଃଖୀ ଅଟେ। ଅବଶ୍ୟ ଏହାକୁ କିଛି ସାହାଯ୍ୟ କରିବା ଉଚିତ। ତା'ପରେ ସେ କହିଲେ- ହଉ ବାବୁ, ଠିକ୍ ଅଛି। କହ, କ'ଣ ଚାହୁଁଛ। କୌଣସି ବିଦ୍ୟା ଚାହଁ ନା ବିଦ୍ୟା ଦ୍ୱାରା ଅଭିମନ୍ତ୍ରିତ କୁହୁକ କଳସ ଚାହଁ। ଲୋକ ଜଣକ କଳସର କରାମତି ତ ଦେଖିଥିଲେ। ତେଣୁ ସେ କୁହୁକ କଳସ ମାଗିଲେ। ସିଦ୍ଧପୁରୁଷ ତାଙ୍କୁ କୁହୁକ କଳସ ଦେଲେ।

କୁହୁକ କଳସ ପାଇ ଲୋକ ଜଣକର ଖୁସି କହିଲେ ନ ସରେ। କଳସକୁ ନେଇ ସେ ନିଜ ଗାଁକୁ ଫେରିଲେ। ଭାବିଲେ-ଏମିତି ଲକ୍ଷ୍ମୀଙ୍କ କି ପ୍ରୟୋଜନ, ଯାହାକୁ ମିତ୍ରମାନେ ଉପଭୋଗ କରିପାରିବେ ନାହିଁ କି ଶତ୍ରୁମାନେ ଦେଖିପାରିବେ ନାହିଁ।


ଏମିତି ବିଚାରି ଲୋକ ଜଣକ କୁହୁକ କଳସ ବଳରେ ଏକ ସୁନ୍ଦର ରାଜପ୍ରାସାଦ ଭଳି ଘରଟିଏ କରି ଧନଧାନ୍ୟ ସହିତ ବନ୍ଧୁ ପରିଜନ ଓ ମିତ୍ରମାନଙ୍କୁ ନେଇ ସୁଖରେ ଜୀବନଯାପନ କଲେ।ଅନେକ ଦିନ ବିତିଗଲା। ପ୍ରଚୁର ଧନ ସମ୍ପଦ ଓ ସୁଖରେ ଲୋକଟି ମନରେ ଗର୍ବ ଓ ଅହଂକାର ହେଲା। ନିଜର ପୁରୁଣା କଥାକୁ ବୁଲି ଜଣେ ବଡ଼ ବିତ୍ତଶାଳୀ ବ୍ୟକ୍ତି ବୋଲି ନିଜକୁ ଭାବିବାକୁ ଲାଗିଲେ। ଦିନକର କଥା। ତାଙ୍କର ଏକମାତ୍ର ପୁତ୍ରର ଜନ୍ମଦିନ ଆସିଲା। ପୁତ୍ରର ଜନ୍ମଦିନକୁ ଧୁମ୍‌ଧାମ୍‌ରେ ପାଳିବାକୁ ସେ ଚାକରଙ୍କୁ ଆଦେଶ ଦେଲେ।

ପୁତ୍ରର ଜନ୍ମଦିନ ପାଳନ ହେଲା। ବଡ଼ ପାର୍ଟିର ଆୟୋଜନ ହେଲା। ସେଠିକୁ ସମସ୍ତଙ୍କୁ ନିମନ୍ତ୍ରଣ କରାଗଲା। ଅତ୍ୟନ୍ତ ଖୁସିରେ ସେଦିନ ଲୋକ ଜଣକ ମନ ଭରି ସୁରାପାନ କଲେ। ଶେଷରେ ସେ ପାଇଥିବା କୁହୁକ କଳସକୁ କାନ୍ଧରେ ରଖି ନାଚିବାକୁ ଲାଗିଲେ। ସୁରା ଭୋଳରେ ସେ ଏମିତି ନାଚିଲେ ଯେ, ତାଙ୍କ ହାତରୁ କଳସଟି ଖସି ତଳେ ପଡ଼ି ଭାଙ୍ଗିଗଲା। କଳସଟି ଭାଙ୍ଗିଯିବା ଫଳରେ ସେ ପାଇଥିବା ସମସ୍ତ ଧନ ସମ୍ପଦ ଓ ଐଶ୍ୱର୍ଯ୍ୟ କ୍ଷଣିକ ଭିତରେ ଉଭେଇଗଲା। ଲୋକ ଜଣକ ଯେଉଁ କାଙ୍ଗାଳକୁ ସେହି କାଙ୍ଗାଳ।

ଧନ ଓ ଐଶ୍ୱର୍ଯ୍ୟ ଉଭେଇଯିବା ଦେଖି ତାଙ୍କ ନିଶା ଛାଡ଼ିଗଲା। ତାଙ୍କର ଜ୍ଞାନ ଉଦୟ ହେଲା। ସେ ଭାବିଲେ, କଳସ ବଦଳରେ ମୁଁ ଯଦି କିଛି ବିଦ୍ୟା ମାଗିଥାନ୍ତି ତେବେ କଳସ ଭାଙ୍ଗିଗଲେ ବି ବିଦ୍ୟା ବଳରେ ବେଶ୍ ଆରାମରେ ରହି ପାରିଥାଆନ୍ତି। ଏବେ ଆଉ କ'ଣ ହେବ। ସବୁ ସରିଗଲା। ଏହି ଲୋକ ଜଣକ ଯେଉଁ ଦରିଦ୍ରକୁ ସେହି ଦରିଦ୍ର ହୋଇ କାଳ କାଟିଲେ। ଜୀବନରେ ମଣିଷ ପାଖକୁ ଥରେ ସୁଯୋଗ ଆସେ। ସେହି ସୁଯୋଗକୁ ଠିକ୍ ଉପଯୋଗ କରି ଯେ ଭଲ କାମ କରେ ତାହାର ମଙ୍ଗଳ ହୋଇଥାଏ। ଆଉ ଯିଏ କରିପାରେନା, ସେ ଦୁଃଖୀ ଓ ଦରିଦ୍ର ହୋଇଥାଏ। ତା' ଛଡ଼ା ଐଶ୍ୱୀ ଶକ୍ତିକୁ ଭଲ କାମରେ ଲଗାଇଲେ ସେ ଚିରସ୍ଥାୟୀ ହୋଇ ମଣିଷକୁ ସୁଖ ପ୍ରଦାନ କରେ। ଯଦି ତାହାକୁ ଖରାପ ବାଟରେ ବ୍ୟବହାର କରାଯାଏ, ତେବେ ସେ କ୍ଷଣସ୍ଥାୟୀ ହୁଏ।

**-ଯଜ୍ଞଦତ୍ତ ସାମନ୍ତରାୟ**
ସମ୍ପାଦକ, ଗୁଞ୍ଜନ, କବିସୂର୍ଯ୍ୟନଗର, ଗଞ୍ଜାମ,
ମୋ:୯୩୩୭୪୪୯୨୪

## ବିନ୍ଦୁ ଯୋଡ



## ମତାମତ

- ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ଅଙ୍କର ଯାଦୁ' ବେଶ୍ ଶିକ୍ଷଣୀୟ ହୋଇଛି। ପରିବାରରେ ଭାଗବଣ୍ଟା କିପରି ସୁନ୍ଦର ଭାବେ ହୋଇପାରିଛି ତାହା ଏହି ଗପରୁ ଜାଣିବାକୁ ମିଳିଲା।
  – **ଅଙ୍କିତା ଦାସ,** ଓଡ଼ଗାଁ, ନୟାଗଡ଼
- କବିତା ସ୍ତମ୍ଭରେ ପ୍ରକାଶ ପାଇଥିବା ପ୍ରତିଟି କବିତା ବେଶ୍ ହୃଦୟସ୍ପର୍ଶୀ ଥିଲା।
  – **ଲେଲିନ୍ ମହାପାତ୍ର,** କବିସୂର୍ଯ୍ୟନଗର, ଗଞ୍ଜାମ
- ଜଣା ଅଜଣା ସ୍ତମ୍ଭଟି ବେଶ୍ ଉପାଦେୟ ହେଉଛି। ଏଥିରେ ପ୍ରକାଶିତ ଝିଙ୍କ ଶରୀରରେ ପ୍ରାୟ ୩୦,୦୦୦ ପର୍ଯ୍ୟନ୍ତ କଣ୍ଟା ଥାଏ ଜାଣି ଆଶ୍ଚର୍ଯ୍ୟ ଲାଗିଲା।
  – **ଦିଶା, ରିତା,** ଲିଙ୍କ୍‌ରୋଡ୍, କଟକ
- ରଙ୍ଗଦିଅ,ବିନ୍ଦୁ ଯୋଡ ଓ ଚଗଲା ଭୀମୁ ମୋର ଖୁବ୍ ପସନ୍ଦ।
  – **ଅନିମେଷ ଶତପଥୀ,** ରାଜନଗର, କେନ୍ଦ୍ରାପଡ଼ା

## ଖିଲିଖିଲି ହସ

**(ସଞ୍ଜୁ ଓ ମଞ୍ଜୁ ମଧ୍ୟରେ କଥାବାର୍ତ୍ତା)**

ସଞ୍ଜୁ: ଇଂରାଜୀ 8 କୁ ଅଧା କଲେ କେତେ ହେବ ?

ମଞ୍ଜୁ: ଉପରୁ ତଳୁ କାଟିଲେ ୦–୦ ଓ ବାମ ଓ ଡାହାଣରୁ କାଟିଲେ 3–3 ହେବ।

ଶିକ୍ଷକ: ପିଲାମାନେ କହିଲ,ପୃଥିବୀର ସବୁଠାରୁ ପୁରୁଣା ପ୍ରାଣୀ କିଏ ?

ରିଙ୍କୁ: ସାର୍,ଜେବ୍ରା ।

ଟିଚର: କେମିତି ?

ରିଙ୍କୁ: ସାର୍ ଜେବ୍ରା ଆଜି ପର୍ଯ୍ୟନ୍ତ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ।

ଥରେ ଜଣେ ଭିକାରିର ଲଟେରି ଲାଗିଗଲା। ସେ ଏହି ଲଟେରି ଟଙ୍କାରେ ଗୋଟେ ହୋଟେଲ୍ କିଣିଲା। ଅନ୍ୟଜଣେ ଭିକାରି ପଚାରିଲା–ତୁମେ ଏ ହୋଟେଲ୍ କାହିଁକି କିଣିଲ ?

ପ୍ରଥମ ଭିକାରି: ମୁଁ ଏ ହୋଟେଲ୍ କିଣିଲି ଏଇଥିପାଇଁ ଯେ ନିଜେ ବସି ତା ସାମ୍ନାରେ ଭିକ ମାଗିବି । ମୋର ଏକୁଟିଆ ଏଠି ରୋଜଗାର ହେବ।

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

## ଚଗଲା ଭୀମୁ




ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସବୁଠାରୁ ଉଚ୍ଚା ଟୋପି

**ପି**ଲାଏ, ତୁମେମାନେ ତ ଟୋପି ପିନ୍ଧୁଥିବ। ବିଭିନ୍ନ ଡିଜାଇନ୍‌ର ଟୋପି ପିନ୍ଧିବା ଅନେକ ପିଲାଙ୍କର ଏକ ସଉକ। ହେଲେ ଗୋଟିଏ ଟୋପିର ଉଚ୍ଚତା କ'ଣ ୧୫ ଫୁଟ ୯ଇଞ୍ଚ, ଅର୍ଥାତ୍ ୪.୮ ମିଟର ହୋଇପାରେ ? ଏକଥା ଶୁଣିବା ବେଳକୁ ନିଶ୍ଚୟ ଅଜବ ଲାଗୁଥିବ। କିନ୍ତୁ ଏଭଳି ଏକ ଟୋପି ତିଆରି କରି ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛନ୍ତି ଆମେରିକାର ଫ୍ଲୋରିଡାସ୍ଥିତ ଟାମ୍ପା ସହରରେ ରହୁଥିବା ୪୦ବର୍ଷ ବୟସ୍କ ଓଡିଲୋନ୍ ଓଜାରେ। ପିଲାଦିନରୁ ଟୋପି ତିଆରି ପ୍ରତି ସେ ଆକର୍ଷିତ ହୋଇଥିଲେ ଏବଂ ନିଜ ଜେଜେମା ତାଙ୍କୁ ଏହାର କୌଶଳ ଶିଖାଇଥିଲେ। ଏ ପର୍ଯ୍ୟନ୍ତ ସେ ଶତାଧିକ ଟୋପି ତିଆରି କରି ନିଜର ଏହି ପ୍ରତିଭାକୁ ବିଶ୍ୱ ସ୍ତରରେ ପରିଚିତ କରାଇବାକୁ ସ୍ଥିର କରିଥିଲେ। ତା'ପରେ ସେ ୧୫ଫୁଟ ୯ ଇଞ୍ଚ ଉଚ୍ଚତା ବିଶିଷ୍ଟ ଟୋପି ତିଆରି କରିଥିଲେ, ଯାହାକୁ ସବୁଠାରୁ ଉଚ୍ଚା ଟୋପି ଭାବରେ ଗ୍ରହଣ କରାଯାଇଛି। ଗିନିଜ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଥିବା ତାଙ୍କର ଏଇ ଟୋପି ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରଦର୍ଶିତ ହୋଇସାରିଛି।




ଜନ୍ ଡାଲ୍ଟନ

ବିଚିତ୍ର ବୈଜ୍ଞାନିକ

# ସବୁକଥାର ଗୁରୁତ୍ୱ ସମାନ

**ବୈ**ଜ୍ଞାନିକମାନଙ୍କର ଗୋଟିଏ ବିଶେଷ ଗୁଣ ହେଲା ଯେ, ସେମାନେ ସବୁ କଥାକୁ ସମାନ ଗୁରୁତ୍ୱ ଦିଅନ୍ତି। ତାଙ୍କ ବିଚାରରେ ଛୋଟବଡ଼ କିଛି ନ ଥାଏ– ତାହା ସୂକ୍ଷ୍ମାତିସୂକ୍ଷ୍ମ ଜୀବାଣୁ ଓ ଭୂତାଣୁ ଅଥବା ଅଣୁ ପରମାଣୁର ଅଧ୍ୟୟନ ହେଉ ନତୁବା ବିଶାଳ ଅସରନ୍ତି ବିଶ୍ୱବ୍ରହ୍ମାଣ୍ଡର ପର୍ଯ୍ୟବେକ୍ଷଣ ହେଉ। ଏହାର ପ୍ରମାଣ ସ୍ୱରୂପ ଏଠାରେ ପ୍ରସିଦ୍ଧ ପରମାଣୁ ବିଜ୍ଞାନୀ ଜନ୍ ଡାଲ୍‌ଟନଙ୍କ ବିଷୟରେ ଏକ ଘଟଣା ଉଦ୍ଧାର କରାଗଲା।

ଡାଲ୍‌ଟନ ହେଉଛନ୍ତି ପ୍ରଥମ ବୈଜ୍ଞାନିକ, ଯିଏକି ପରମାଣୁର ଗଠନ ବିଷୟ ସମ୍ପର୍କରେ ଧାରଣା ଦେଇଥିଲେ। ଏଥି ଅନୁଯାୟୀ ପ୍ରତି ପରମାଣୁର ମଝିରେ ନାଭି କେନ୍ଦ୍ରଟିଏ ଅଛି। ସେଥିରେ ରହିଛି ଧନାତ୍ମକ ଚାର୍ଜଧାରୀ ପ୍ରୋଟନ୍ କଣିକା ଏବଂ ଚାର୍ଜ ନ ଥିବା ନିଉଟ୍ରନ କଣିକା। ଏହାର ଚାରିପାଖରେ ଗୁଣାତ୍ମକ ଚାର୍ଜଧାରୀ ଇଲେକ୍‌ଟ୍ରନ କଣିକାଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ବୁଲୁଥାନ୍ତି ସୂର୍ଯ୍ୟଙ୍କ ଚାରିପଟେ ଗ୍ରହଗୁଡ଼ିକ ବୁଲୁଥିଲା ଭଳି। ଅବଶ୍ୟ, ଆଜିକାଲି ପରମାଣୁର ଗଠନ ସମ୍ପର୍କରେ ଧାରଣା ଅନେକ ବଦଳି ଗଲାଣି। ତେବେ, ତାହାର ମୂଳପିଣ୍ଡ ହେଉଛି ଡାଲ୍‌ଟନଙ୍କ ମତବାଦ।



ଏତେ ବଡ଼ ବୈଜ୍ଞାନିକ ହେଲେ ହେଁ ତାଙ୍କ ମନ ଥିଲା ପିଲାଙ୍କ ମନ ଭଳି କୋମଳ। ଅବସର ସମୟରେ ସେ ପିଲାମାନଙ୍କ ସହିତ ମିଶିବାକୁ ଭଲ ପାଉଥିଲେ। ବେଳେବେଳେ କାହାରିକୁ ଗଣିତ ପଢ଼ାଉଥିଲେ।

ଥରେ ଫରାସୀ ବୈଜ୍ଞାନିକ ମୋନସିଭର ପେଲେଟାନ ଇଂଲଣ୍ଡର ମାଞ୍ଚେଷ୍ଟର ଯାଇଥିଲେ। ସେଇଟା ଥିଲା ଡାଲ୍‌ଟନଙ୍କର ବାସସ୍ଥାନ। ତେଣୁ ତାଙ୍କର ଇଚ୍ଛା ହେଲା ତାଙ୍କୁ ଭେଟିବାକୁ। ସେଥିପାଇଁ ସେ ସମୟ ମାଗି ତାଙ୍କ ପାଖକୁ ଗଲେ।

ପେଲେଟାନ ଭାବୁଥିଲେ ଯେ, ଡାଲଟନଙ୍କ ଭଳି ଜଣେ ଏତେବଡ଼ ବୈଜ୍ଞାନିକ ନିଶ୍ଚୟ ଆଡ଼ମ୍ବରରେ ରହୁଥିବେ। ତାଙ୍କ ପାଖରେ ସଦାବେଳେ ବେଢ଼ି ରହୁଥିବେ ଗବେଷଣା ଛାତ୍ରୀଛାତ୍ର କିମ୍ବା ସହଯୋଗୀ ଗବେଷକମାନେ।

କିନ୍ତୁ ତାଙ୍କ ଘରେ ପହଞ୍ଚି ସେ ଯାହା ଦେଖିଲେ ତାହା ଥିଲା ଏହାର ଠିକ୍ ଓଲଟା। ସାଦାସିଧା ପୋଷାକ ପିନ୍ଧି ଏକ ସାଧାରଣ ଘରେ ବସିଥାନ୍ତି ଡାଲ୍‌ଟନ। ତାଙ୍କ ପାଖରେ ଥାଏ ଜଣେ କମ୍ ବୟସର ବାଳକ। ସେ ତାକୁ ପାଠ ପଢ଼ାଉ ଥାଆନ୍ତି। ଏକଥା ପେଲେଟାନ୍‌ଙ୍କୁ ଅଡୁଆ ଅଡୁଆ ଲାଗିଲା। ସେ ବ୍ୟକ୍ତି ଜଣକ ଯେ ନିଜେ ଡାଲ୍‌ଟନ ଏହାକୁ ନେଇ ତାଙ୍କ ମନରେ ଘୋର ସନ୍ଦେହ ଉପୁଜିଲା। ତେଣୁ ସେ ତାଙ୍କ ପାଖକୁ ଯାଇ ପଚାରିଲେ– "ମହାଶୟ, ମୁଁ ମିଷ୍ଟର ଡାଲ୍‌ଟନଙ୍କୁ ଦେଖାକରି ପାରିବି କି ?"

ଡାଲ୍‌ଟନ ହସି ହସି ଜବାବ ଦେଲେ– "ହଁ... କାହିଁକି ନୁହେଁ... ? ମୁଁ ପରା ନିଜେ ସେହି ଲୋକ। ତେବେ ଆପଣ ଦୟାକରି ଟିକେ ଅପେକ୍ଷା କରନ୍ତୁ। ମୁଁ ଏବେ ଏ ପିଲାଟିକୁ ଗଣିତଟିଏ ବୁଝାଉଛି। ତାହା ସରିଲେ ଆମେ କଥାବର୍ତ୍ତା ହେବା..।"


ପେଲେଟାନ୍ ଅପେକ୍ଷା କଲେ। କିଛି ସମୟ ପରେ ପିଲାଟିକୁ ବିଦାକରି ଡାଲ୍‌ଟନ ଆସି ତାଙ୍କ ସହିତ କରମର୍ଦ୍ଦନ କଲେ ଏବଂ ତାଙ୍କୁ ଅପେକ୍ଷା କରିଥିବାରୁ କ୍ଷମା ମାଗି କହିଲେ, "ଏ ପିଲାଟି ଏମିତି ବେଳେବେଳେ ଗଣିତ ବୁଝିବାକୁ ଆସେ– ଯେମିତି ଆସନ୍ତି ଗବେଷଣା ଛାତ୍ରମାନେ। ମୋତେ ତା' ପାଠ ଗବେଷଣାଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏନି...।


ଏକଥା ଶୁଣି ପେଲେଟାନ୍ ଈଷତ ହସି ଜବାବ ଦେଲେ– "ଠିକ୍ କଥା...। ଆପଣଙ୍କ ଭଳି ଜଣେ ମହାନ୍ ବୈଜ୍ଞାନିକ ହାତ ଦେଉଥିବା ସବୁ କାମର ଗୁରୁତ୍ୱ ନିଶ୍ଚୟ ସମାନ।"

ତା'ପରେ ଦୁହେଁ ଗପରେ ମାତିଗଲେ।

**– ରମେଶ ଚନ୍ଦ୍ର ପରିଡ଼ା,** ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ: ୯୯୩୭୯୮୫୭୬୭

# ତୁମ ତୂଳୀରୁ


୧


୨



୩



୪


୫


୬



୭


୮


୯


୧୦

୧



**ଆୟୁଷ ଘୋଷ**
କ୍ଲାସ-୬,
ସେଣ୍ଟ ଜାଭିୟର ହାଇସ୍କୁଲ,
ଭିଏସଏସ ନଗର, ଭୁବନେଶ୍ୱର

୨

**ଅୟସକାନ୍ତ ପତି**
କ୍ଲାସ - ୩, ଡିଏଭି ପବ୍ଲିକ୍
ସ୍କୁଲ, ପୋଖରୀପୁଟ,
ଭୁବନେଶ୍ୱର



୩



**ନମିତା ବରିହା**
କ୍ଲାସ - ୭, ବାଘମୁଣ୍ଡ
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ପାଟଣାଗଡ, ବଲାଙ୍ଗୀର

୪

**ଅନୁଷ୍କା ବେଉରା**
କ୍ଲାସ - ୬, ସେଣ୍ଟ୍ ଜୋସେଫ୍
ହାୟର ସେକେଣ୍ଡାରି ସ୍କୁଲ,
ଭୁବନେଶ୍ୱର



୫



**ସ୍ମୃତି ଶାଶ୍ୱତୀ**
କ୍ଲାସ - ୯, ସେଣ୍ଟ୍ ମ୍ୟାରି
ସ୍କୁଲ, ଯାଜପୁର ରୋଡ,
ଯାଜପୁର

୬

**ଅଙ୍କିତା ପତି**
କ୍ଲାସ-୫, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,ନିମପୁର,
ଜଗତପୁର,କଟକ



୭



**ଦେବସ୍ମିତା ସାହୁ**
କ୍ଲାସ - ୧, ଶୁଭମ୍
ବିଦ୍ୟା ନିକେତନ,
କଟକ

୮

**ଭାଶ୍ୱତୀ ବିଶୋଇ**
କ୍ଲାସ - ୪, କେନ୍ଦ୍ରୀୟ
ବିଦ୍ୟାଳୟ-୩,
ଭୁବନେଶ୍ୱର



୯



**ତୁଳସୀ ରାଣୀ ସାହୁ**
କ୍ଲାସ -୭, ବାଘମୁଣ୍ଡ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ପାଟଣାଗଡ, ବଲାଙ୍ଗୀର

୧୦

**ଶୁଭଶ୍ରୀ ସାହୁ**
କ୍ଲାସ - ୪, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ରସୁଲଗଡ,
ଭୁବନେଶ୍ୱର



# ଋତୁରାଜ ବସନ୍ତ



ବସନ୍ତ ଆଗତ
ଶୀତ ଏବେ ଅନ୍ତ
ଚଉଦିଗ ଶୋଭା ଦିଶିଲା ।
ଋତୁଚକ୍ର ତାଳେ
ମରତ ମଣ୍ଡଳେ
ଋତୁରାଜ ପାଦ ଥାପିଲା ।
ଦେଖି ଏହି ଖୁସି
ଟାକି ରହି ବସି
ଦକ୍ଷିଣୁ ଦକ୍ଷିଣା ଧାଇଁଲା ।
ଋତୁରାଜ ପାଇଁ
ସ୍ୱାଗତ ଜଣାଇ
ମଳୟ ପବନ ବହିଲା ।
ଶୀତ ଲାଜେଇଲା
ବସନ୍ତ ହସିଲା
କୁହୁ କୁହୁ ସ୍ୱର ଶୁଭିଲା ।
ପତର ଗହଳେ
ପ୍ରକୃତିର କୋଳେ
କୋଳିତ ସଂଗୀତ ଗାଇଲା ।
ବଡ଼ ବଟବୃକ୍ଷ
ପତରଗୁଡ଼ିକ
ପାଚି ଭୂମି ତଳେ ପଡ଼ିଲା ।
ଗହଳ ପତର
ହୋଇଲା ଅନ୍ତର
ସବୁଜିମା ଶିରି ତୁଟିଲା ।

**–ବସନ୍ତ କୁମାର ଦାସ**
*ରମ୍ଭା–ବରୀ, ଯାଜପୁର*
*ମୋ: ୯୪୩୭୫୯୭୮୯୬*

କ ବି ତା

# ମଥା ଯେ' ଯାଏ ନଇଁ

ବଣ ପାହାଡ଼ ଟିକି ଝରଣା
କହଇ କାନେ କାନେ,
ପୂରୁବ କଥା, ପୂରୁବ ଗାଥା
ପଡ଼ୁ ନାହିଁ କି ମନେ ?
ଏ' ଦେଶ ପରା ଗଙ୍ଗାଠାରୁ
ଗୋଦାବରୀ ଯାଏ,
ପାରାବାର ଯା' ଚରଣ ଛୁଇଁ
ବନ୍ଦନା ଗୀତି ଗାଏ ।
କେତେ ଯେ ଖଣି, ଖାଦାନ ଏଠି
ଗରଭେ ଅଛି ପୂରି,
ଶସ୍ୟ ଶ୍ୟାମଳା ଭରିଛି ଦେଶ
କିଏ ହେବ ତା' ସରି ।
କେତେ ଯେ କବି ବୀରାରମଣୀ
ଝାନ୍‌ସୀ ଲକ୍ଷ୍ମୀବାଈ
ମାଟି ମାଆର ସନମାନକୁ
ଦୁନିଆ ଆଗେ ଥୋଇ ।
ବିଭବସବୁ ରହିଛି ପୂରି,
ତା'ର ତୁଳନା ନାହିଁ,
ଧନ୍ୟ ଆମ ଭାରତ ଭୂଇଁ
ମଥା ଯେ ଯାଏ ନଇଁ ।

***–ଜଗନ୍ନାଥ ସାମଲ***
*ତୁଳସୀପୁର, ଭଣ୍ଡାରୀ ପୋଖରୀ*
*ଭଦ୍ରକ, ମୋ : ୯୪୩୭୩୦୯୯୩୬*

# ଏ ଥ ର ର ପ୍ର ଶ୍ନ

★ ଭାରତର ପ୍ରଥମ ଉପ–ପ୍ରଧାନମନ୍ତ୍ରୀ କିଏ ?

★ କେଶ ଏବଂ ନଖ ମଧ୍ୟରେ କିଏ ଶୀଘ୍ର ବଢ଼ିଥାଏ ?

★ କ୍ୟୁବା ଦେଶକୁ କିଏ ଆବିଷ୍କାର କରିଥିଲେ ?

★ ପବନର ବେଗ ମାପିବାକୁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?

★ କେଉଁ ପକ୍ଷୀର ଆଖିର ଆକାର ତାହାର ମୁଣ୍ଡଠାରୁ ବଡ ?

# ଆଗଥରର ଉ ତ୍ତ ର

* ସୂର୍ଯ୍ୟ
* ପୂର୍ବ ଆଣ୍ଟାର୍କଟିକା
* ଚିତା ବାଘ
* ଆଫ୍ରିକା
* ଧଳା

# କହିଲ ଦେଖି

କେବେ ବାଉଁଶ ପାତିଆରେ
ଅବା ବୁଣା ତାଳ ପତ୍ରରେ
ବେଷ୍ଟ କଣିକା ବାଉଁଶନଳି
ଖରାଦିନେ ନ ଥିଲେ ନ ଥାଉ
ବିଜୁଳିଗୁଲୁଗୁଲି ବେଳେ ରାତି ଦିନ
ସେବା ଯୋଗାଇବାରେ ନିପୁଣ
ଧୀର ସ୍ଥିର ଚାଲି ଭୁଲେନି ନୀତି
ନାହିଁ ବାୟୁ ଦାନେ ପ୍ରିୟାପ୍ରୀତି ।


**ଉତ୍ତର: ବିଞ୍ଚଣା**



ଖଣ୍ଡେ ଦୋକେନା କାଠ ମୁଣ୍ଡେ
ରବର ଯୋଡ଼ାଇ ଫିତା ଖଣ୍ଡେ
ଧରି ହାତେ ଉଠାଇଲେ ଉପର
ପାତି ହନୁ ଭୟେ ପଳାନ୍ତି ଦୂର ।



**ଉତ୍ତର: ବାଟୁଳିଖଡ଼ା**




ଲହକା ବାଉଁଶ ପାତିଆ କରି
ଦୁଇ ମୁଣ୍ଡେ ଗୁଣ ସରୁ ଦଉଡି ଧରି
ମଝିରେ ଲଗାଇ ମୁନିଆକାଣ୍ଡ
ଶିକାରୀ ଶିକାର ନୁହଁଇ ପଣ୍ଡ


ରାମାୟଣ ମହାଭାରତ ଯୁଦ୍ଧେ
ହୋଇଥିଲା ଖ୍ୟାତ ବୀର ମଧ୍ୟେ
ପରାକ୍ରମ ଯେତେ ଥାଉ ଯାହାର
ଏହାର ସମ୍ମୁଖେ ମାନନ୍ତି ହାର ।


**ଉତ୍ତର: ଧନୁଶର**

**–ରମାକାନ୍ତ ପୁରୋହିତ,** ନିରାକାରପୁର, ଖୋରଧା

# କେଉଁଟି ଅଲଗା







ଅସରପା ପ୍ରାୟ ୪୦ ମିନିଟ୍ ପର୍ଯ୍ୟନ୍ତ ନିଃଶ୍ୱାସ ବନ୍ଦ କରି ରହିପାରେ । ଏହି କାରଣରୁ ଅସରପା ଅଧଘଣ୍ଟାରୁ ଅଧିକ ସମୟ ପାଣି ଭିତରେ ରହିପାରନ୍ତି ।

ପାଞ୍ଚ ଛଅଟି ମୂଷା ମିଶିଲେ ଜଣେ ମଣିଷର ଖାଦ୍ୟ ଖାଇଦେବେ । ଗୋଟିଏ ମାଈ ଓ ଅଣ୍ଡିରା ମୂଷା ମିଶିଲେ ବର୍ଷକ ଭିତରେ ୧୦୦୦ ଛୁଆ ଜନ୍ମ କରିପାରିବେ । ମାଈ ମୂଷା ମାତ୍ର ଦୁଇମାସର ହେବା ପରେ ଛୁଆ ଜନ୍ମ କରିପାରେ ।





© Paolo Bompani

ଚାଇନାରେ ସମସ୍ତ କସମେଟିକ୍ ପ୍ରଡକ୍ଟକୁ ପଶୁଙ୍କ ଉପରେ ପରୀକ୍ଷା କରାଯାଏ। କିନ୍ତୁ ୟୁରୋପରେ ଏପରି କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ।

# ଜଣା ଅଜଣା

ମାତ୍ର ଅଧା କିଲୋ ମହୁ ସଞ୍ଚୟ କରିବା ପାଇଁ ମହୁମାଛିଙ୍କୁ ପ୍ରାୟ ୨୦ ଲକ୍ଷ ଫୁଲ ବ୍ୟବହାର କରିବାକୁ ପଡ଼ିଥାଏ । ଏଥିପାଇଁ ସେମାନଙ୍କୁ ପ୍ରାୟ ଏକଲକ୍ଷ କିଲୋମିଟରରୁ ଅଧିକ ବାଟ ଯାତ୍ରା କରିବାକୁ ପଡ଼ିଥାଏ ।



ଛେଳିମାନେ ଏକାଠି ରହିବାକୁ ଭଲପାନ୍ତି। ଏକୁଟିଆ ରହିଲେ ସେମାନେ ମାନସିକ ଅବସାଦର ଶିକାର ହୁଅନ୍ତି ବୋଲି କଥିତ ଅଛି।



# ଆ ଇ ନା

ଅମନ୍
୧୦ ବର୍ଷ



ଆର୍ଯ୍ୟନ୍
୫ ବର୍ଷ



ସ୍ନେହା
୧୪ବର୍ଷ

